1956
*ନଭେମ୍ବର*

ମହମ୍ମଦ ଅଫଜଲ ଖାନ

*ବନାମ*

ଜମ୍ମୁ ଓ କାଶ୍ମୀର ରାଜ୍ୟ

(ଏସ୍. ଆର୍. ଦାସ ମୁଖ୍ୟ ନ୍ୟାୟାଧୀଶ, ଭଗୱତୀ, ଭେଙ୍କଟରାମା ଆୟର,

ବି. ପି. ସିହ୍ନା ଏବଂ ଏସ୍. କେ. ଦାସ, ନ୍ୟାୟମୁର୍ତ୍ତିବୃନ୍ଦ)

*ପ୍ରତିଷେଧକ ଅଟକ – ସରକାରଙ୍କ ଦ୍ୱାରା ଏପରି ଏକ ଅଟକ ଜାରି ରଖିବା ପାଇଁ ନିଷ୍ପତ୍ତି - ଅଟକର ଆଦେଶର ର ତିନି ମାସ ମଧ୍ୟରେ ଅଟକ ଥିବା ବ୍ୟକ୍ତିଙ୍କୁ ଜଣାଇଦେବା ଆବଶ୍ୟକ - ଜାମ୍ମୁ ଓ କାଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମ (ସମ୍ବତ 2011 ର IV), ଧାରା 14 ।*

ଜାମ୍ମୁ-କାଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମର ଧାରା 14 ଏକ ଆନୁଷ୍ଠାନିକ ଆଦେଶ ଦେବା ପାଇଁ ବ୍ୟବସ୍ଥା କରେ ନାହିଁ ଏବଂ ଅଟକାଦେଶ ଜାରି ରଖିବା ପାଇଁ ସରକାରଙ୍କ ଆଦେଶ ସମ୍ପୃକ୍ତ ଅଟକ ଥିବା ବ୍ୟକ୍ତିଙ୍କୁ ତାଙ୍କ ଅଟକାଦେଶର ତିନି ମାସ ମଧ୍ୟରେ ଜଣାଇବା ଆବଶ୍ୟକ ବୋଲି ଏହି ଯୁକ୍ତିର କୌଣସି ସୁଯୋଗ ନାହିଁ।

*ଅଚ୍ଛର ସିଂ ବନାମ ପଞ୍ଜାବ ରାଜ୍ୟ,* ଆବେଦନ ସଂଖ୍ୟା 359/1951 ମସିହା ଅକ୍ଟୋବର 22ରେ ନିର୍ଣ୍ଣୟ ହୋଇଥିଲା, ପ୍ରୟୋଗ ହେଲା ।

ଫଳସ୍ୱରୂପ, ବର୍ତ୍ତମାନ ମାମଲା ଭଳି, ଯେଉଁ କ୍ଷେତ୍ରରେ ସରକାର ସନ୍ତୁଷ୍ଟ ଥିଲେ ଯେ ଅଟକ ଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପ୍ରତି ପ୍ରତିକୂଳ ଥିଲା ଏବଂ ତାଙ୍କୁ ଅଧିନିୟମର ଧାରା 14 ଅନୁଯାୟୀ ଅଟକରେ ରଖିବା ଉଚିତ, ସେହି ଅଟକକୁ ଏହି ଆଧାରରେ ଆପତ୍ତି କରାଯାଇପାରିବ ନାହିଁ ଯେ ତାଙ୍କୁ ଅଟକ ରଖାଯିବା ପରେ ତିନି ମାସ ମଧ୍ୟରେ ସେହି ଧାରା ଅନୁଯାୟୀ କୌଣସି ଆଦେଶ କରାଯାଇନଥିଲା କିମ୍ବା ତାଙ୍କୁ ଅବଗତ କରାଯାଇ ନାହିଁ ।

ମୂଳ ଅଧିକାରିତା : ଆବେଦନ ସଂଖ୍ୟା 181/1956 ।

ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ।

1956 *ଆବେଦନକାରୀ ତରଫରୁ ଟି.* ଆର୍. ଭାସିନ୍, ନ୍ୟାୟ ମିତ୍ର ।

*ମହମ୍ମଦ ଅଫଜଲ ଖାନ ବନାମ ଜାମ୍ମୁ ଓ କାଶ୍ମୀର ରାଜ୍ୟ*

ଉତ୍ତରଦାତା ପକ୍ଷରୁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ, ପୋରସ୍ ଏ. ମେହେଟ୍ଟା ଏବଂ ଆର୍. ଏଚ୍.* ଢେବର ।

1956 ମସିହା ନଭେମ୍ବର 13 । ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା:-

ମୁଖ୍ୟ ନ୍ୟାୟାଧୀଶ ଦାସ: ଏହା ହେଉଛି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଯେଉଁଥିରେ ଆବେଦନକାରୀଙ୍କ ଅଟକକୁ ବେଆଇନ ଘୋଷଣା କରିବା ଏବଂ ତାଙ୍କୁ ମୁକ୍ତ କରିବା ପାଇଁ ଏକ ଆଦେଶ ପାଇଁ ପ୍ରାର୍ଥନା କରାଯାଇଛି । ତଥ୍ୟଗୁଡ଼ିକ ସଂକ୍ଷିପ୍ତରେ ନିମ୍ନରେ ଦିଆଗଲା:-

1954 ମସିହା ଜୁନ 30ରେ, ଆବେଦନକାରୀଙ୍କୁ ଜାମ୍ମୁ କାଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମ ସଂଖ୍ୟା 2011 ର (ସମ୍ବତ୍) 4 ଅନୁଯାୟୀ ସେହି ଦିନ ଦିଆଯାଇଥିବା ଏକ ଅଟକାଦେଶର ନିର୍ଦ୍ଦେଶ ଅନୁଯାୟୀ ଗିରଫ କରାଯାଇଥିଲା । ଯେଉଁ ଆଧାରରେ ଏହି ଆଦେଶ ଦିଆଯାଇଥିଲା, ତାହା ଆବେଦନକାରୀଙ୍କୁ 1954 ମସିହା ଜୁଲାଇ 1 ତାରିଖରେ ଜଣାଇ ଦିଆଯାଇଥିଲା । 1954 ମସିହା ଜୁଲାଇ 12 ରେ, ଆବେଦନକାରୀ ସରକାରଙ୍କୁ ତାଙ୍କର ନିବେଦନ ପତ୍ର ଦାଖଲ କରିଥିଲେ । ଏହି ମାମଲାରେ ଆଉ କିଛି ଶୁଣାଣି ନ ପାଇ ଆବେଦନକାରୀ ଜାମ୍ମୁ କାଶ୍ମୀର ଉଚ୍ଚ ନ୍ୟାୟଳୟରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 491 ଅନୁଯାୟୀ ଏକ ଆବେଦନ କରିଥିଲେ । ଏହା ଜଣାପଡୁଛି ଯେ ସରକାର ଧାରା 14 ର ଉପ-ଧାରା (2) ଅନୁଯାୟୀ 1954 ମସିହା ଅଗଷ୍ଟ 23ରେ ଏହି ଉଦ୍ଦେଶ୍ୟରେ ମନୋନୀତ ଜଣେ ବ୍ୟକ୍ତିଙ୍କ ସହ ପରାମର୍ଶ କରି ଆବେଦନକାରୀଙ୍କ ମାମଲାର ସମୀକ୍ଷା କରିଥିଲେ ଏବଂ ସନ୍ତୁଷ୍ଟ ହୋଇଥିଲେ ଯେ ତାଙ୍କୁ ଅଟକ ରଖିବା ଜାରି ରଖିବା ଉଚିତ । ତଦନୁସାରେ ଉଚ୍ଚ ନ୍ୟାୟାଳୟ ରେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନର ବିଚାରାଧୀନ ସମୟରେ ସରକାର ଧାରା 14 ଅଧୀନରେ 1954 ମସିହା ଡିସେମ୍ବର 23ରେ ଆବେଦନକାରୀଙ୍କ ଅଟକ ଜାରି ରଖିବାକୁ ଏକ ଆଦେଶ ଦେଇଥିଲେ । ଏହା ପରେ ଆବେଦନକାରୀ ଅନୁଚ୍ଛେଦ 32 ଅନୁଯାୟୀ ଏହି ନ୍ୟାୟାଳୟର ଅବକାଶ ବିଚାରପତିଙ୍କ ନିକଟକୁ ଯାଇଥିଲେ । ମାନ୍ୟବର ଅବକାଶ ନ୍ୟାୟାଧୀଶ ଏହି କଥାରେ ସନ୍ତୁଷ୍ଟ ନଥିଲେ ଯେ ଜାମ୍ମୁ-କଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମ ବୈଧ ଥିଲା ବୋଲି ଏହି ଅନୁମାନ ଉପରେ ହସ୍ତକ୍ଷେପ ପାଇଁ ପ୍ରଥମ ଦୃଷ୍ଟିଗତ ଆଧାର ଥିଲା । ତେବେ ଯେହେତୁ, ସେହି ଅଧିନିୟମର ସାମ୍ବିଧାନିକତାକୁ ଆପତ୍ତି

କରାଯାଇଥିଲା, ମାନ୍ୟବର ନ୍ୟାୟାଧୀଶ ଏକ ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜାମ୍ମୁ କାଶ୍ମୀର ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ନିର୍ଣ୍ଣୟ ନିଆଯାଇଥିଲା ଯାହା ତାଙ୍କ ମାମଲାକୁ ଅନ୍ତର୍ଭୁକ୍ତ କରିଥିଲା ବୋଲି ଅଭିଯୋଗ କରି ଅବେଦନକାରୀ, 1955 ମସିହା ସେପ୍ଟେମ୍ବର 9ରେ, ତାଙ୍କ ଆବେଦନ ପ୍ରତ୍ୟାହାର କରିବାକୁ ଅନୁମତି ମାଗିଥିଲେ, ଯାହା ସେହି ଅନୁଯାୟୀ ପ୍ରତ୍ୟାହାର ଖାରଜ କରାଯାଇଛି ଆଧାରରେ ଖାରଜ କରାଯାଇଥିଲା । ଇତି ମଧ୍ୟରେ ଏବଂ ତା'ପରେ ଆବେଦନକାରୀଙ୍କ ମାମଲା ସରକାରଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା ଏବଂ ସମୟ ସମୟରେ ତାଙ୍କ ଅଟକକୁ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଏହିପରି ଆଦେଶ ମଧ୍ୟରୁ ଶେଷଟି 1956 ମସିହା ଜୁନ 8ରେ କରାଯାଇଥିଲା | 1956 ମସିହା ମେ 25ରେ ସେ ଜାମ୍ମୁ କାଶ୍ମୀର ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ଆବେଦନ କରିଥିଲେ । ସେହି ଆବେଦନକୁ 1956 ମସିହା ଜୁନ୍ 21 ତାରିଖରେ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ଏହା ପରେ ଅନୁଚ୍ଛେଦ 32 ଅନୁଯାୟୀ ବର୍ତ୍ତମାନର ଆବେଦନ 1956 ମସିହା ସେପ୍ଟେମ୍ବର 26 ତାରିଖରେ ଏହି ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା ।

1956

ମହମ୍ମଦ ଅଫଜଲ ଖାନ ବନାମ ଜାମ୍ମୁ ଓ କାଶ୍ମୀର ରାଜ୍ୟ

ମୁଖ୍ୟ ନ୍ୟାୟାଧୀଶ ଦାସ

ଉପରେ ଉଲ୍ଲେଖିତ ମାମଲାର ଗୁଣବତ୍ତା ବିଷୟରେ ଅବକାଶ ବିଚାରପତିଙ୍କ ମନ୍ତବ୍ୟକୁ ଦୃଷ୍ଟିରେ ରଖି ବିଦ୍ୱାନ ଆଟର୍ଣ୍ଣି ଜେନେରାଲ୍ ଏକ ପ୍ରାଥମିକ ଆପତ୍ତି ଉଠାଇଛନ୍ତି ଯେ ବର୍ତ୍ତମାନର ଆବେଦନ, ଯେତେ ଦୂର ଏହା ସାମ୍ବିଧାନିକ ପ୍ରସଙ୍ଗ ବ୍ୟତୀତ ଅନ୍ୟ କୌଣସି ପ୍ରଶ୍ନ ଉତ୍ଥାପନ କରେ, ଗ୍ରହଣଯୋଗ୍ୟ ନଥିଲା । ଶ୍ରୀ ଟି. ଆର୍. ଭାସିନ୍, ଯିଏକି ଏହି ମାମଲାରେ ଆମକୁ ନ୍ୟାୟ ମିତ୍ର ଭାବେ ସହାୟତା ପ୍ରଦାନ କରିଛନ୍ତି, ଆବେଦନକାରୀ ଦ୍ୱାରା ଦାଖଲ କରାଯାଇଥିବା ଏକ ନୂତନ ଆବେଦନ ପ୍ରତି ଆମର ଧ୍ୟାନ ଆକର୍ଷଣ କରନ୍ତି ଏବଂ ଆମକୁ ଆଶ୍ୱାସନା ଦିଅନ୍ତି ଯେ ସେ ପ୍ରଥମ ଆବେଦନରେ ଉଠାଯାଇଥିବା ତଥ୍ୟର କୌଣସି ପ୍ରଶ୍ନ ଉଠାଇବାକୁ ଚାହୁଁ ନାହାଁନ୍ତି, ଯାହା ପ୍ରତ୍ୟାହାର କରାଯାଇଅଛି, କିନ୍ତୁ ଅତିରିକ୍ତ ଆବେଦନରେ ଉଠାଯାଇଥିବା ଆଇନର ନୂତନ ପ୍ରସଙ୍ଗରେ ତାଙ୍କ ଯୁକ୍ତି ସୀମିତ ରଖିବେ । ଏହି ଆବେଦନଟି ଯେ କୌଣସି ବ୍ୟକ୍ତିର ସ୍ୱାଧୀନତା ସହ ଜଡ଼ିତ, ତାହାକୁ ଦୃଷ୍ଟିରେ ରଖି ଆମେ ଶ୍ରୀ ଟି. ଆର୍. ଭାସିନ୍ ଙ୍କ ଦ୍ୱାରା ଉଠାଯାଇଥିବା ନୂତନ ପ୍ରସଙ୍ଗ ଉପରେ ତାଙ୍କ କଥା ଶୁଣିବା ଉଚିତ ବୋଲି ବିବେଚନା କରିଛୁ ।

ଶ୍ରୀ ଟି. ଆର୍. ଭାସିନ୍ ଦୁଇଟି ପ୍ରସଙ୍ଗ ଉଠାଇଛନ୍ତି, ଯଥା--

1956
ମହମ୍ମଦ ଅଫଜଲ ଖାନ ବନାମ ଜାମ୍ମୁ ଓ କାଶ୍ମୀର ରାଜ୍ୟ
ମୁଖ୍ୟ ନ୍ୟାୟାଧୀଶ ଦାସ

(1) ଯେ ଅଟକ ରଖିବା ଭୁଲ ଏବଂ ବେଆଇନ ହୋଇଯାଇଛି ଯେହେତୁ ଅଟକ ରଖିବା ଆଦେଶ ତିନି ମାସ ଅବଧି ଶେଷ ହେବା ପୂର୍ବରୁ ଧାରା 14 ଅନୁଯାୟୀ ଆଦେଶ ଦିଆଯାଇ ନଥିଲା; ଏବଂ

(2) ଅଟକ ରଖିବାର ଦ୍ୱିତୀୟ ଆଧାରଟି ଭୁଲ, କାରଣ ମୁଖ୍ୟ ସଚିବ ସ୍ୱୀକାର କରିଛନ୍ତି ଯେ ଅମିରା କଦଲରେ ଗେଷ୍ଟ ହାଉସ୍ ହୋଟେଲ ଭଳି କୌଣସି ହୋଟେଲ ନାହିଁ, ଯେଉଁଠାରେ ଅଟକ ଥିବା ବ୍ୟକ୍ତି ସେଠାରେ ଉଲ୍ଲେଖ କରାଯାଇଥିବା ଏକ ବୈଠକରେ ଯୋଗ ଦେଇଥିବା ଅଭିଯୋଗ  ହୋଇଛି ।

ଦ୍ୱିତୀୟ ପ୍ରସଙ୍ଗଟି ମୁଖ୍ୟ ସଚିବଙ୍କ ଶପଥ ପତ୍ରର ପ୍ରତିଲିପିରେ ମୁଦ୍ରଣ ତ୍ରୁଟି କାରଣରୁ ଉତ୍ଥାପନ କରାଯାଇଥିଲା, ଯାହା ବିଜ୍ଞ ଓକିଲଙ୍କ ପାଇଁ ଉପଲବ୍ଧ ଥିଲା ।

ତଥ୍ୟଗତ ପ୍ରସଙ୍ଗରେ ମୁଖ୍ୟ ସଚିବ ବଜାୟ ରଖିଛନ୍ତି ଯେ ଆମିରା କଦଲ ଠାରେ ଏକ ଗେଷ୍ଟ ହାଉସ୍ ହୋଟେଲ ରହିଛି । ମୂଳ ଶପଥ ପତ୍ର ବିଜ୍ଞ ଓକିଲଙ୍କୁ ଦେଖାଯିବା ପରେ, ସେ ଦ୍ୱିତୀୟ ପ୍ରସଙ୍ଗକୁ ପରିତ୍ୟାଗ କରିଛନ୍ତି । ତେବେ, ସେ ପ୍ରଥମ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଅନ୍ତି ।

ବିଜ୍ଞ ଓକିଲ ସମ୍ବିଧାନର ଅନୁଚ୍ଛେଦ 22 (4) ପ୍ରତି ଆମର ଧ୍ୟାନ ଆକର୍ଷଣ କରନ୍ତି । ସେହି ଖଣ୍ଡରେ କୁହାଯାଇଛି ଯେ ପ୍ରତିଷେଧକ ଅଟକ ରଖିବା ପାଇଁ କୌଣସି ଆଇନ , କେବଳ ସେଥିରେ ନିର୍ଦ୍ଦିଷ୍ଟ ହୋଇଥିବା କିଛି ପରିସ୍ଥିତି ବ୍ୟତୀତ ଜଣେ ବ୍ୟକ୍ତିଙ୍କୁ ତିନି ମାସରୁ ଅଧିକ ସମୟ ଧରି ଅଟକ ରଖିବା ପାଇଁ ପ୍ରାଧିକୃତ କରିବ ନାହିଁ । ଉପ-ଖଣ୍ଡ (b) ଏହା ସ୍ପଷ୍ଟ କରିଥାଏ ଯେ ସଂସଦ ଦ୍ୱାରା ଖଣ୍ଡ(7) ର ଉପ-ଖଣ୍ଡ(a) ଏବଂ (b) ଅଧୀନରେ କରାଯାଇଥିବା କୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ପାଇଁ ଖଣ୍ଡ(4) ପ୍ରଯୁଜ୍ୟ ନୁହେଁ, ଯାହା ଜାମ୍ମୁ କାଶ୍ମୀର କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ (ଜାମ୍ମୁ କାଶ୍ମୀରରେ ପ୍ରୟୋଗ) ଆଦେଶ, 1954 ଦ୍ୱାରା 'ରାଜ୍ୟର ବିଧାନମଣ୍ଡଳ' ଶବ୍ଦ ଦ୍ୱାରା ପ୍ରତିସ୍ଥାପିତ ହୋଇଛି । ପ୍ରଶ୍ନ ହେଉଛି ଜାମ୍ମୁ କାଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମର ଧାରା 14 ର ବ୍ୟବସ୍ଥା ଆଧାରରେ ଆବେଦନକାରୀଙ୍କ ଅଟକକୁ ତିନି ମାସ ଅବଧି ପରେ ସଠିକ୍ ଭାବରେ ଜାରି ରଖାଯାଇଛି କି?

ଶ୍ରୀ ଟି. ଆର୍. ଭାସିନ୍ ନିଶ୍ଚୟ ପୂର୍ବକ କୁହନ୍ତି ଯେ ଅଟକାଦେଶର ତାରିଖ ପରେ ତିନି ମାସ ଅବଧି ଶେଷ ହେବା ପୂର୍ବରୁ ଧାରା 14 ଅଧୀନରେ ଏକ ଆଦେଶ ଜାରି କରାଯିବା ଆବଶ୍ୟକ । ଧାରା 14 କୁ ଆସି ଆମେ ଦେଖୁ ଯେ ଏହା କୌଣସି ଯଥାରୀତି ଆଦେଶ ପ୍ରଦାନ କରେ ନାହିଁ । ଏଥିରେ କେବଳ ଏହା କୁହାଯାଇଛି ଯେ ଏହି ଅଧିନିୟମରେ ଯାହା କିଛି ରହିଥିବା ସତ୍ତ୍ୱେ ଦୁଇ

ଶ୍ରେଣୀର ଯେ କୌଣସି ମାମଲାରେ ଅଟକ ରଖାଯାଇଥିବା କୌଣସି ବ୍ୟକ୍ତିଙ୍କୁ ତିନି ମାସରୁ ଅଧିକ ସମୟ ପାଇଁ ପରାମର୍ଶମଣ୍ଡଳୀଙ୍କର ମତ ନନେଇ ଅଟକ "ରଖାଯାଇପାରେ" କିମ୍ବା ଅଟକକୁ ଜାରି ରଖାଯାଇପାରିବ । ଧାରା 8 (1) ର ପ୍ରାବଧାନ ଦ୍ୱାରା ବିଚାର କରାଯାଉଥିବା କୌଣସି ଆଦେଶ କିମ୍ବା ଏପରି ଏକ ଘୋଷଣା କରିବା ପାଇଁ ଏହି ବିଭାଗରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । ଶ୍ରୀ ଟି. ଆର୍. ଭାସିନ୍ ଏହା ପରେ ଯୁକ୍ତି ବାଢ଼ିଥିଲେ ଯେ ଯେକୌଣସି ପ୍ରକାରେ 'ହୋଇପାରେ' ଭାବରେ ବ୍ୟବହୃତ ଶବ୍ଦଟି ସୂଚିତ କରେ ଯେ ସରକାର ନିଜର ମନ ସ୍ଥିର କରିବା ଆବଶ୍ୟକ ଏବଂ ଯେତେବେଳେ ସରକାର ଧାରା 14 ଅନୁଯାୟୀ ଆବେଦନକାରୀଙ୍କ ମାମଲାର ମୁକାବିଲା କରିବାକୁ ମନ ସ୍ଥିର କରନ୍ତି, ସେତେବେଳେ ଏହିପରି ଆଦେଶର ନିଷ୍ପତ୍ତି ଆବେଦନକାରୀଙ୍କୁ ଜଣାଇବା ଉଚିତ । ତଥ୍ୟଗତ ପ୍ରସଙ୍ଗରେ ଆମେ ଦେଖୁଛୁ ଯେ ସରକାର 1954 ମସିହା ଅଗଷ୍ଟ 23 ତାରିଖରେ ଧାରା 14 (2) ଅଧୀନରେ ପରାମର୍ଶ ଉଦ୍ଦେଶ୍ୟରେ ଶ୍ରୀ ଏ. ଏଚ୍. ଦୁରାନୀଙ୍କୁ ନିଯୁକ୍ତ କରିଥିଲେ, ଯାହା ଅଟକାଦେଶ ଜାରି ହେବାର ଦୁଇ ମାସ ମଧ୍ୟରେ ଥିଲା । ତେଣୁ, ନଥିରେ ଏହା ସ୍ପଷ୍ଟ ଯେ ସରକାର ଏହି ନିର୍ଦ୍ଦିଷ୍ଟ ଅଟକ ବ୍ୟକ୍ତିଙ୍କ ସମ୍ବନ୍ଧରେ ନିଷ୍ପତ୍ତି ନେଇଥିଲେ, ଯାହାଙ୍କ ବିରୁଦ୍ଧରେ ଅଟକର ଆଦେଶ ଏହି ଆଧାରରେ ଦିଆଯାଇଥିଲା ଯେ ତାଙ୍କ କାର୍ଯ୍ୟକଳାପ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିକୂଳ ଥିଲା, ଧାରା 14 ଅନୁଯାୟୀ ତାଙ୍କୁ ମୁକାବିଲା କରାଯିବା ଉଚିତ ଏବଂ ତାଙ୍କ ମାମଲା ପରାମର୍ଶମଣ୍ଡଳୀଙ୍କ ପାଖକୁ ଯିବା ଉଚିତ ନୁହେଁ । ସରକାରଙ୍କ ଏହି ନିଷ୍ପତ୍ତି ଅଟକ ଥିବା ବ୍ୟକ୍ତିଙ୍କୁ ଜଣାଇବା ଆବଶ୍ୟକ ବୋଲି ଯୁକ୍ତିରେ ଆମେ କୌଣସି ଯଥାର୍ଥତା ଦେଖୁନାହୁଁ । ଅଟକ ଥିବା ବ୍ୟକ୍ତିଙ୍କୁ ଏହି ନିଷ୍ପତ୍ତି ଜଣାଇବା କିପରି ଲାଭଦାୟକ ହୋଇଥାନ୍ତା ତାହା ଦର୍ଶାଯାଇ ନାହିଁ | ବାସ୍ତବରେ, *ଅଚ୍ଛର ସିଂହ ବନାମ ପଞ୍ଜାବ ରାଜ୍ୟ(1)* ମାମଲାରେ ଏହି ନ୍ୟାୟାଳୟ ମତବ୍ୟକ୍ତ କରିଛନ୍ତି ଯେ ଭାରତୀୟ ପ୍ରତିଷେଧକ ଅଟକ ଅଧିନିୟମର ଧାରା 11 ଅନୁଯାୟୀ ଅବଗତ କରିବା ଛାଡିଯିବା ଅଟକ ଆଦେଶକୁ ବେଆଇନ କରେ ନାହିଁ କିମ୍ବା ଆବେଦନକାରୀଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରେ ନାହିଁ । ଯଦି ଏହା ଭାରତୀୟ ପ୍ରତିଷେଧକ ଅଟକ ଅଧିନିୟମର ଧାରା 11 ଅନୁଯାୟୀ ସ୍ଥିତି ହୋଇଥାଏ, ଯାହା ଏକ ଆନୁଷ୍ଠାନିକ ଆଦେଶ ଦେବା ପାଇଁ ବ୍ୟବସ୍ଥା କରିଥାଏ, ତେବେ ଜାମ୍ମୁ କାଶ୍ମୀର ପ୍ରତିଷେଧକ ଅଟକ ଅଧିନିୟମର ଧାରା 14 ଅନୁଯାୟୀ ସ୍ଥିତି ସମାନ ହେବା ଆବଶ୍ୟକ, ଯାହା ସର୍ତ୍ତରେ କୌଣସି ଆନୁଷ୍ଠାନିକ ଆଦେଶ ଦେବା ଆବଶ୍ୟକ କରେ ନାହିଁ । ଆମ

---

(1) ଆବେଦନ ସଂଖ୍ୟା 359/1951, 1951 ମସିହା ଅକ୍ଟୋବର 22ରେ ଫଏସଲା ହେଲା ।

1956

*ମହମ୍ମଦ ଅଫଜଲ ଖାନ ବନାମ ଜାମ୍ମୁ ଓ କାଶ୍ମୀର ରାଜ୍ୟ*

*ମୁଖ୍ୟ ନ୍ୟାୟାଧୀଶ ଦାସ*

ମତରେ ଏହି ଆବେଦନରେ କୌଣସି ସାର ନାହିଁ, ଯାହା ସେହି ଅନୁଯାୟୀ ଖାରଜ ହେବା ଆବଶ୍ୟକ |

*ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
କ୍ରିଷ୍ଣା ଦାଶ
ଅନୁବାଦିକା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।